The Odisha Gazette

EXTRAORDINARY

PUBLISHED BY AUTHORITY

No. 1798 CUTTACK, WEDNESDAY, JULY 26, 2023/SRAVANA 4, 1945

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

**S.R.O. No. 489**/2023 Dated 01-06-2023

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, କଟକଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧. **ପ୍ରକଳ୍ପ ବିକାଶକାରୀ ଙ୍କ ନାମ** : - କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଏବଂ ଗୃହ), ଡିଭିଜନ-୧, କଟକ ।

୨. **ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ** : - ତାଳଦଣ୍ଡା କେନାଲ ରାସ୍ତା (ଦକ୍ଷିଣ ପାର୍ଶ୍ୱ) ୧.୫୫୦ କି.ମି. ଠାରୁ ୩.୫୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଏବଂ ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ।

୩. **SIA ସର୍ବେକ୍ଷଣ ଅନୁଷ୍ଠାନ**: - **Research and Analysis Consultants (RAC), Bhubaneswar**, an empanelled agency under Nabakrushna Choudhury Center for Development Studies(NCDS), Bhubaneswar

୪. **SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:** - Nabakrushna Choudhury Center for Development Studies(NCDS), Bhubaneswar, Phone No. 0674-2300471, 2301094

୫. ପ୍ରକଳ୍ପ ପାଇଁ କଟକ ଜିଲ୍ଲା ରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ (ସରକାରୀ ଜମି) |
|---|---|---|---|---|
| ୧ | କଟକ ସଦର | ୟୁନିଟ ନଂ. -୨୩, ସାମନ୍ତସାହି | ୦.୦୪୧ | - |
| ୨ | | ୟୁନିଟ ନଂ. -୩୩, ବିସିନାବର | ୦.୦୫୮ | - |
| | | ମୋଟ | ୦.୦୯୯ | |

ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଅଛି ।

a. **ପ୍ରସ୍ତାବିତ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ** : - କଟକ ଜିଲ୍ଲା କଟକ ସଦର ତହସିଲ ଅନ୍ତର୍ଗତ ୨ ଗୋଟି ମୌଜା ରେ **ଏ ୦.୦୯୯** ପରିସୀମାରେ ତାଳଦଣ୍ଡା କେନାଲ ରାସ୍ତା (ଦକ୍ଷିଣ ପାର୍ଶ୍ୱ) ୧.୫୫୦ କି.ମି. ଠାରୁ ୩.୫୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଏବଂ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଏବଂ ଗୃହ), ଡିଭିଜନ-୧, କଟକ ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b. **SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ** :- କଟକ ଜିଲ୍ଲାରେ ଉପରୋକ୍ତ ୨ ଗୋଟି ମୌଜାର **ଏ ୦.୦୯୯** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ ।

c. **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ** :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ସ୍ଥାନିତ ହେବା ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ ।

d. ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ସହମତି ଆବଶ୍ୟକ ।

e. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୩୦ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ / ଗ୍ରାମ /ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବସାଇଟ ରେ ସୂଚିତ ହେବ ।

# ଭୂମି ଅନୁସୂଚୀ

ତାଳଦଣ୍ଡା କେନାଲ ରାସ୍ତା (ଦକ୍ଷିଣ ପାର୍ଶ୍ୱ) ୧.୫୫୦ କି.ମି. ଠାରୁ ୩.୫୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଏବଂ ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ । କଟକ ସହର, ମୌଜା- ୟୁନିଟ ନଂ. -୨୩, ସାମନ୍ତସାହି ।

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧. | ୫୭୭ | ୨୨୭୭ | ଏ୦.୬୦୦ | ଏ ୦.୦୪୧ | ଘରବାରି ଏକ | ଶ୍ରୀ ଗଣେଶ ଜୀଉ ବିଜେ ଛତ୍ର ବଜାର ପାଞ୍ଚସାହି ମଧୁ ବୈଶ୍ୟ : ସମାଜ ମାରଫତ ବା: ପାଲିଆ ସାହୁ ପି: ମଧୁ ସାହୁ, ସତ୍ୟବାଦୀ ସାହୁ ପି: କସ୍ତୁରୀ ସାହୁ, ବଙ୍ଗାଳି ସାହୁ ପି: ବାସୁ ସାହୁ, ଭିମସେନ ସାହୁ, ଅର୍ଜୁନି ସାହୁ, ନକୁଳ ସାହୁ, ନିଳମଣି ସାହୁ, ତିଲୋତ୍ତମା ସାହୁ ପି: ବିଶୁନି ସାହୁ, ଆର୍ତ୍ତବନ୍ଧୁ ସାହୁ ପି: ସୁନ୍ଦରୀ ସାହୁ, ରଘୁନାଥ ସାହୁ ପି: ନିଲୁ ସାହୁ, ଭଜନି ସାହୁ ପି: କପିଳ ସାହୁ ଜା: ଗୁଡିଆ ବା: ନିଜଗାଁ ସାମିଲ ଛତ୍ର ବଜାର |

## ଭୂମି ଅନୁସୂଚୀ

ତାଳଦଣ୍ଡା କେନାଲ ରାସ୍ତା (ଦକ୍ଷିଣ ପାର୍ଶ୍ୱ) ୧.୫୫୦ କି.ମି. ଠାରୁ ୩.୫୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଏବଂ ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ । କଟକ ସହର, ମୌଜା- ୟୁନିଟ ନଂ. -୩୩, ବିସିନାବର ।

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧. | ୧୧୬୩ | ୨୨୮୯ | ଏ୦.୦୫୮ | ଏ୦.୦୫୮ | ଘରବାରି ଏକ | ସୁରେଶ ଚନ୍ଦ୍ର କାଳିଆ ପି:ନବୀନ ଚନ୍ଦ୍ର କାଳିଆ ବା:ନିଜଗାଁ ବଳଭଦ୍ରପୁର ଥା-ମଧୁପାଟଣା ଜି-କଟକ |

**[No. 19916—RDM-LAA-CTC-0001-2023-R&DM]**

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଅଭୟ କୁମାର ନାୟକ
ସ୍ୱତନ୍ତ୍ର ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1083—173+0